## ଭାଙ୍ଗିଲା ୩୦ ବର୍ଷର ପରମ୍ପରା

**ଅନୁଗୋଳ ଅଫିସ:** କରୋନା ସଂକ୍ରମଣ ପାଇଁ ଅନୁଗୋଳରେ ଚଳିତ ବର୍ଷ ଗଜାନନଙ୍କ ପୂଜା ଫିକା ପଡିଥିବାବେଳେ ଦୀର୍ଘ ୩୦ ବର୍ଷର ପରମ୍ପରା ଭାଙ୍ଗିଛି। ଅନୁଗୋଳ ବସଷ୍ଟାଣ୍ଡ ପୂଜା କମିଟି ପକ୍ଷରୁ ହେଉଥିବା ଲଟେରି କାର୍ଯ୍ୟକ୍ରମକୁ ଚଳିତ ବର୍ଷ ବନ୍ଦ କରାଯାଇଛି। ଗଣେଶ ପୂଜାରୁ ଆରମ୍ଭ ହେଉଥିବା ଲଟେରି କାର୍ଯ୍ୟକ୍ରମ କାର୍ତ୍ତିକେଶ୍ୱର ପୂଜା ପର୍ଯ୍ୟନ୍ତ ଚାଲିଥାଏ। କିନ୍ତୁ କରୋନା ମହାମାରୀ ଯୋଗୁ ପୂଜା କମିଟି ପକ୍ଷରୁ ବୈଠକ କରାଯାଇ ଏହି କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିବା ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଗୁଳିମାଡ଼ ଘଟଣା: ଜଣେ ଗିରଫ



ଛେଣ୍ଡିପଦା, ୨୨।୮(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପାତ୍ରପଡ଼ା ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧରେ ଘଟିଥିବା ଗୁଳିମାଡ଼ ଘଟଣାରେ ପୋଲିସ ଶନିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ପାତ୍ରପଡ଼ା ଗ୍ରାମର କୁନା ସାହୁ (୨୭)। ପୋଲିସ କହିଛି, ୨୦୧୯ ନଭେମ୍ବରରେ ଏହି ଗୁଳିକାଣ୍ଡରେ ଗ୍ରାମର ଧରଣୀଧର ସାହୁ ଆହତ ହୋଇଥିଲେ। ଛେଣ୍ଡିପଦା ଥାନାରେ ନଂ. ୩୬୩/୧୯ରେ ମାମଲା ରୁଜୁ ହୋଇଥିଲା। ଘଟଣା ପରେ କୁନା ଫେରାର ଥିଲେ। ଗ୍ରାମ ସୀମାନ୍ତରେ ଲୁଚିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥଲା। କୁନାଙ୍କଠାରୁ ଏକ ଦେଶୀ ପିସ୍ତଲ, ମୋବାଇଲ ଫୋନ ଜବତ କରାଯାଇଛି। ତାଙ୍କ ନାମରେ ମାଲକାନଗିରି ବଦଲିଗୁଡା ଥାନାରେ ମଧ ଏକ ମାମଲା ରହିଥିବା ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

### ଏମ୍‌ପିଙ୍କୁ ଦାବିପତ୍ର

ଅନୁଗୋଳ ଅଫିସ୍, ୨୨।୮: ଅନୁଗୋଳ ଜିଲା ବଁଅରପାଳଠାରୁ ବାମୁର ପର୍ଯ୍ୟନ୍ତ ୫୫ ନମ୍ବର ଜାତୀୟ ରାଜପଥ ୪ ଲେନ୍ ନିର୍ମାଣ କାମ ତୁରନ୍ତ ଶେଷ କରିବା, ଜିଲା ଚିକିତ୍ସାଳୟରେ ବର୍ନି ୱାର୍ଡ ଏବଂ ଜିଲାର ରାଜସ୍ୱରେ ସ୍ଥାନୀୟ ଅଞ୍ଚଳର ବିକାଶ କରିବା ଆଦି ଦାବି ନେଇ ଜିଲା ଭାଜପା ପକ୍ଷରୁ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ପ୍ରଧାନ, ବଇଣ୍ଡା ଜିଲା ପରିଷଦ ଜୟନ୍ତୀ ପ୍ରଧାନ, ରାଜ୍ୟ ପରିଷଦ ସଦସ୍ୟ ଶ୍ୱେତବ୍ରତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଝରାବେରେଣୀ ୩ ଦିନ ଶଟ୍‌ଡାଉନ

ବଇଣ୍ଡା, ୨୨।୮(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ଝରାବେରେଣୀ ପଞ୍ଚାୟତକୁ ୩ ଦିନ ଶଟ୍‌ଡାଉନ ଘୋଷଣା କରାଯାଇଛି। ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ପଞ୍ଚାୟତରେ ସମସ୍ତ ଦୋକାନ ବଜାର, ଅନୁଷ୍ଠାନ ବନ୍ଦ ରହିବ ବୋଲି ସରପଞ୍ଚ ହେମାଦ୍ରୀ ପ୍ରଧାନ ଚିଠି ମାଧମରେ ଅବଗତ କରାଇଛନ୍ତି। ଏହାର ନକଲ ଆଠମଲ୍ଲିକ ଉପଜିଲାପାଳ, କିଶୋରନଗର ବିଡିଓ, କିଶୋରନଗର ଆଇଆଇସିଙ୍କୁ ପ୍ରଦାନ କରାଯାଇଛି।

### ନିରାଡମ୍ବରରେ ବିଘ୍ନବିନାଶକଙ୍କ ପୂଜା

ଅନୁଗୋଳ ଅଫିସ୍, ୨୨।୮: କରୋନା ପାଇଁ ଚଳିତବର୍ଷ ଫିକା ପଡିଛି ଗଣେଶପୂଜା। ପ୍ରତିବର୍ଷ ଭଳିକି ଭଳି ମୂର୍ତ୍ତି, ତୋରଣ, ଆକର୍ଷଣୀୟ ସାଜସଜ୍ଜାରେ ଅନୁଗୋଳରେ ଧୁମ୍‌ଧାମ୍‌ରେ ଆୟୋଜନ ହେଉଥିବା ଏହି ପୂଜା ଶନିବାର ନିରାଡମ୍ବରରେ ଶେଷ ହୋଇଛି। ହାତଗଣତି ଅନୁଷ୍ଠାନ ମଣ୍ଡପରେ ଛୋଟ ମୂର୍ତ୍ତି ପୂଜା କରିଥିଲେ। ସନ୍ଧ୍ୟା ସୁଦ୍ଧା କେତେକ ସ୍ଥାନରେ ବିସର୍ଜନ ମଧ ଶେଷ ହୋଇଛି। ଆଉ କେତେକ ଜାଗାରେ ସୋମବାର ଗଜାନନଙ୍କ ମୂର୍ତ୍ତି ବିସର୍ଜନ କରାଯିବ ବୋଲି ସୂଚନା ମିଳିଛି। ଚଳିତ ବର୍ଷ ଜିଲା ପ୍ରଶାସନ ପକ୍ଷରୁ କୌଣସି ମଣ୍ଡପରେ ଜାକ୍‌ଜମକର ସହ ବିଘ୍ନନାଶକଙ୍କ ପୂଜା ହେବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲା। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ କ୍ଲବ ଓ ମଣ୍ଡପରେ ସ୍ୱଳ୍ପସଂଖ୍ୟକ ସଦସ୍ୟଙ୍କୁ ନେଇ ପୂଜାର୍ଚ୍ଚନା କରାଯାଇଥିଲା।

### ପ୍ଲାଜ୍‌ମା ଦାନ କଲେ



ବଇଣ୍ଡା, ୨୨।୮(ଡି.ଏନ.ଏ.): କରୋନାରୁ ସୁସ୍ଥ ହୋଇ ଫେରିଥିବା କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତର ଚିତ୍ତରଞ୍ଜନ ମାଝି (୨୫) ଶନିବାର ପ୍ଲାଜ୍‌ମା ଦାନ କରିଛନ୍ତି। ବ୍ଲକ ପ୍ରଶାସନ ଜରିଆରେ ଚିତ୍ତରଞ୍ଜନ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲ ଯାଇ ସେଠାରେ ପ୍ଲାଜ୍‌ମା ଦେଇଛନ୍ତି। ମନ୍ତ୍ରୀ ଅଶୋକ ପଣ୍ଡା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ପ୍ରଶାସନ ଏବଂ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମଧ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଭୟ ବଢ଼ାଉଛି ମୃତ୍ୟୁହାର

କାମାକ୍ଷାନଗର, ୨୨।୮
(ସୁଧୀର କୁମାର ପରିଡ଼ା)

- କାମାକ୍ଷାନଗର ଉପଖଣ୍ଡରେ କାୟା ମେଲାଉଛି ଏଡ୍‌ସ
- ୧୩ ବର୍ଷରେ ୧୮୬ ରୋଗୀ ଚିହ୍ନଟ, ୫୪ ଜଣଙ୍କ ମୃତ୍ୟୁ
- ଚଳିତବର୍ଷ ଜୁଲାଇ ସୁଦ୍ଧା ଚିହ୍ନଟ ହେଲେଣି ୧୧ ଆକ୍ରାନ୍ତ



ଏଡ୍‌ସ ଭଳି ମାରାତ୍ମକ ବ୍ୟାଧି ରୋକିବାକୁ ବ୍ୟାପକ ହେଉଛି ସଚେତନତା। ସଭା ସମିତି, ବୈଠକ କରି ରୋଗୀଙ୍କ ପାଖରେ ପହଞ୍ଚିବାକୁ ଜାରିରହିଛି ପ୍ରୟାସ। ରୋଗୀ ନୁହେଁ, ରୋଗକୁ ଘୃଣା କର ବୋଲି ଦିଆଯାଉଛି ସ୍ଲୋଗାନ। ଏସବୁ ସତ୍ତ୍ୱେ ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡରେ ଏଡ୍‌ସର ସ୍ଥିତି ଉଦ୍‌ବେଗଜନକ ରହିଛି। ଗତ ୧୩ ବର୍ଷ ମଧରେ ୧୮୬ ରୋଗୀ ଚିହ୍ନଟ ହୋଇଛନ୍ତି। କେବଳ ୨୦୨୦ ଜୁଲାଇ ସୁଦ୍ଧା ୧୧ ଜଣଙ୍କ ରକ୍ତରେ ଭୂତାଣୁ ଚିହ୍ନଟ ହୋଇଛି। ସେହିପରି ବିଭିନ୍ନ କାରଣରୁ ୫୪ ରୋଗୀଙ୍କ ମୃତ୍ୟୁ ଘଟିଥିବା ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି।

ଢେଙ୍କାନାଳ ଜିଲାରେ ଏଡ୍‌ସ ରୋଗୀ ସଂଖ୍ୟା ବଢୁଛି। ତେବେ କାମାକ୍ଷାନଗର ଉପଖଣ୍ଡରେ ସଂକ୍ରମଣ ହାର ଜିଲାସ୍ତରରୁ ଅଧିକ ରହିଛି। ଏହାକୁ ନିୟନ୍ତ୍ରଣକୁ ଆଣିବା, ରୋଗୀଙ୍କୁ ଚିକିତ୍ସା ପରାମର୍ଶ ଯୋଗାଇଦେବା ଏବଂ କାଉନସେଲିଂ କରିବାକୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ୨୦୦୬ ଅକ୍ଟୋବରରେ କାର୍ଯ୍ୟକ୍ଷମ ହୋଇଥିଲା ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର। ଏହି କେନ୍ଦ୍ର ମାଧମରେ ଚଳିତ ବର୍ଷ ଜୁଲାଇ ଶେଷ ସୁଦ୍ଧା ୬୦,୫୪୦ ଜଣଙ୍କୁ ପରାମର୍ଶ ଦିଆଯାଇଛି। ସେମାନଙ୍କ ମଧରେ ୨୮୯୬୭ ପୁରୁଷ, ୬୮୦୮ ମହିଳା, ୨୩୭୬୫ ଗର୍ଭବତୀ ଅଛନ୍ତି। ସେହିପରି ପରାମର୍ଶ ପରେ ୨୬,୧୧୬ ପୁରୁଷ, ୫,୮୦୪ ମହିଳା, ୨୩,୧୪୯ ଗର୍ଭବତୀଙ୍କ ଏଡ୍‌ସ ପରୀକ୍ଷା କରାଯାଇଛି। ପରୀକ୍ଷାରୁ ୧୧୯ ପୁରୁଷ, ୪୯ ମହିଳା, ୧୮ ଗର୍ଭବତୀ ଏଡ୍‌ସରେ ସଂକ୍ରମିତ ହୋଇଥିବା ସ୍ପଷ୍ଟ ହୋଇଥିଲା। ସେହିପରି ଅନ୍ୟପଟେ ଗତ ୧୩ ବର୍ଷ ଭିତରେ ଆକ୍ରାନ୍ତଙ୍କ ମଧ୍ୟରୁ ୪୦ ପୁରୁଷ, ୧୧ ମହିଳା, ୩ ଗର୍ଭବତୀଙ୍କ ମୃତ୍ୟୁ ଘଟିଲାଣି। ଏଡ୍‌ସର କାରଣ, ନିରାକରଣ କ୍ଷେତ୍ରରେ ସରକାରୀସ୍ତରରେ ଅଜସ୍ର ଟଙ୍କା ଖର୍ଚ୍ଚ ହେଉଛି। ତଥାପି ଉପଖଣ୍ଡରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇଛି।

ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ରରେ ସଂକ୍ରମିତଙ୍କୁ ଚିହ୍ନଟ କରିବା ଲାଗି ବ୍ୟବସ୍ଥା ରହିଛି। ରୋଗୀଙ୍କ ଆଗ୍ରହ ପରେ ରକ୍ତ ପରୀକ୍ଷା କରାଯାଇଥାଏ। ସାମାଜିକ ବାସନ୍ଦ ଏବଂ ଘୃଣାର ଶିକାର ହେବା ଭୟରେ ସେମାନଙ୍କ ପରିଚୟ ଗୋପନ ରଖିବାକୁ କଡ଼ା ନିର୍ଦ୍ଦେଶ ରହିଛି। ତଥାପି ଲୋକଲଜ୍ଜା ଏବଂ ବାସନ୍ଦ ଭୟରେ ଚିହ୍ନଟ ପରେ ଚିକିତ୍ସା କରାଇବା ଲାଗି ରୋଗୀମାନେ ଆଗ୍ରହୀ ହେଉନାହାନ୍ତି। ଉପଖଣ୍ଡରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୧୧୫ ଜଣ ଅନୁଗୋଳ ଯାଇ ଆଣ୍ଟିରେଟ୍ରୋଭାଇରାଲ ଥେରାପି ଗ୍ରହଣ କରି ତଦନୁଯାୟୀ ଔଷଧ ସେବନ କରୁଛନ୍ତି। ହେଲେ ୧୫ ଜଣ ଆଦୌ ଯାଇ ନ ଥିବା ଜଣାପଡ଼ିଛି, ଯାହା ରୋଗୀଙ୍କ ଭୟକୁ ଦର୍ଶାଉଛି। ସେହିପରି ଆକ୍ରାନ୍ତଙ୍କ ପାଇଁ ବିଜୁ ପକ୍କାଘର, ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ଭଳି ବିଭିନ୍ନ ଯୋଜନାରେ ସାମିଲ କରିବାକୁ ନିୟମ ରହିଥିଲେ ମଧ ସାମାଜିକ କଟକଣା ଭୟରେ ଏହାର ସୁଯୋଗ ନେଉନାହାନ୍ତି। କେତେକ କ୍ଷେତ୍ରରେ ରୋଗୀମାନେ ସରକାରୀ ସାହାଯ୍ୟ ପାଇଁ ପ୍ରଶାସନ ପାଖକୁ ଧାଇଁ ଧାଇଁ ନୟାନ୍ତ ହୋଇଯାଉଥିବା ଅଭିଯୋଗ ହେଉଛି। ତୃଣମୂଳସ୍ତରରେ ବ୍ୟାପକ ଜନସଚେତନତା ଦ୍ୱାରା ଏଡ୍‌ସ ନିୟନ୍ତ୍ରଣକୁ ଆସିପାରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

### ସମ୍ମିଳିତ ଉଦ୍ୟମ ଆବଶ୍ୟକ



"ଆଜିକାର ସମୟରେ ସବୁକ୍ଷେତ୍ରରେ ସଚେତନତା ଜରୁରୀ। ଏହା କେବଳ ସରକାରୀସ୍ତରରେ ସୀମିତ ହେଲେ ହେବନାହିଁ। ଅନୁଷ୍ଠାନ, ଯୁବଗୋଷ୍ଠୀ, ସ୍କୁଲ, କଲେଜର ଛାତ୍ରୀଛାତ୍ରଙ୍କ ସମେତ ପ୍ରତି ପରିବାରରେ ଏଡ୍‌ସର ଭୟାବହତା ବାର୍ତ୍ତା ପହଞ୍ଚିବା ଦରକାର। ଏହାଦ୍ୱାରା ରୋଗ ନିୟନ୍ତ୍ରଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିସହ ଯୋଗ ପ୍ରାଣାୟମ ଦ୍ୱାରା ମନକୁ ସଂଯମୀ କରାଯାଇପାରିବ, ଯାହା ଏଡ୍‌ସ ଭଳି ଦୁରାରୋଗ୍ୟ ବ୍ୟାଧିର ମହୌଷଧୀ।

–ମଙ୍ଗତଲାଲ୍ କଟାରୁକା, ସାମାଜିକ କର୍ମୀ

### ରୋଗୀ ଲୁଚାଉଛନ୍ତି ରୋଗ



"ରାଜ୍ୟ ବାହାରକୁ ଯାଇଥିବା ପ୍ରବାସୀ ଭୂତାଣୁ ବାହକ ସାଜୁଛନ୍ତି। ରୋଗର ଭୟାବହତା ଜାଣିବା ସତ୍ତ୍ୱେ ସେମାନେ ସୁରକ୍ଷିତ ଯୌନସମ୍ପର୍କ ପଦ୍ଧତି ଆପଣାଉନାହାନ୍ତି। ସରକାରଙ୍କ ପକ୍ଷରୁ ସଚେତନତା, ମାଗଣା ଔଷଧ ଯୋଗାଇ ଦିଆଯାଉଥିଲେ ମଧ ରୋଗୀ ସାମାଜିକ ବାସନ୍ଦ ଭୟରେ ରୋଗ ଲୁଚାଉଛନ୍ତି। ନିୟମିତ ଔଷଧ ସେବନ କରୁନାହାନ୍ତି। ଏଥିପାଇଁ ତୃଣମୂଳସ୍ତରରେ ସଚେତନତା ସୃଷ୍ଟି କରାଇବା ଆବଶ୍ୟକତା ରହିଛି। ଏଥିରେ ଅଧିକରୁ ଅଧିକ ଯୁବଗୋଷ୍ଠୀ ସାମିଲ ହେଲେ ଏଡ୍‌ସ ନିରୋଧୀ ଅଭିଯାନ ଫଳପ୍ରଦ ହୋଇପାରନ୍ତା।

–ପ୍ରଫୁଲ୍ଲ କୁମାର ସାହୁ,
ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର ପରାମର୍ଶଦାତା

### ପୋଖରୀରେ ବୁଡ଼ି ଚାଷୀ ମୃତ

କଣିହାଁ, ୨୨।୮(ଡି.ଏନ.ଏ.)

କଣିହାଁ ବ୍ଲକ ସମଲ ଥାନା କଟରାପଡ଼ା ଗ୍ରାମର ପ୍ରଦୀପ କୁମାର ବେହେରା (୪୦)ଙ୍କ ଶନିବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଏ ନେଇ ନଂ. ୮/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ତଦନ୍ତକାରୀ ଅଧିକାରୀ ସନ୍ତୋଷ ଶତପଥୀ ସୂଚନା ଦେଇଛନ୍ତି। ପ୍ରଦୀପ ଚାଷ କାମସାରି ମଧାହ୍ନରେ ପୋଖରୀରେ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଆଠମଲ୍ଲିକ, ୨୨।୮(ଡି.ଏନ.ଏ.)

କିଆକଟା ଥାନା ବାସୁଦେବପୁର ପଞ୍ଚାୟତ ଗୁଦଗୁଦି ଗ୍ରାମର ଯୁଝେଷ୍ଟି ଦେହୁରୀ (୪୦) ଶନିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଅପରାହ୍ନରେ ସେ ଗାଈ ଚରାଇ ଘରକୁ ଫେରୁଥିବାବେଳେ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଫିକାପଡ଼ିଲା ଗଣେଶ ପୂଜା

ଢେଙ୍କାନାଳ ଅଫିସ, ୨୨।୮

କରୋନା ପ୍ରାଦୁର୍ଭାବ ଏବଂ ପ୍ରଶାସନିକ କଟକଣା ଯୋଗୁ ଢେଙ୍କାନାଳ ଜିଲାରେ ଗଣେଶ ପୂଜା ଫିକା ପଡ଼ିଛି। ଗୋଟିଏ ପଟେ ସପ୍ତାହାନ୍ତ ଶଟ୍‌ଡାଉନ ଏବଂ ଅନ୍ୟପଟେ ମଣ୍ଡପରେ ପୂଜା ହେଉ ନ ଥିବାରୁ ସହର ଖାଁ ଖାଁ ହୋଇପଡ଼ିଥିଲା। କେବଳ ବିଧିରକ୍ଷା ଲାଗି ଶିକ୍ଷାନୁଷ୍ଠାନ, ପୂଜା ପ୍ରତିଷ୍ଠାନ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ଢେଙ୍କାନାଳର ୩୭ ଅନୁଷ୍ଠାନ ଗଣେଶ ପୂଜା ପାଳି ଆସୁଥିବାବେଳେ ଚଳିତବର୍ଷ କରୋନା ସବୁ ସରସତା ଛଡ଼ାଇ ନେଇଛି।

## ଫଟୋରେ ଖବର



ଅନୁଗୋଳ ସାତକୋଶିଆଠାରେ ମହାନଦୀରେ ଯୁବକମାନେ ଡଙ୍ଗାରେ ବସି ମାଛ ମାରିବାକୁ ଯାଉଛନ୍ତି।



ଅନୁଗୋଳର ହୁଲୁରସିଂହାଠାରେ ଘରେ ଯୁବତୀ ଯୁବକମାନେ ଗଣେଶ ପୂଜା କରୁଛନ୍ତି। (ଫଟୋ-ବୁବୁ)

# ଶୌଚାଳୟ ଅବସ୍ଥା ଶୋଚନୀୟ

ମାଧପୁର, ୨୨।୮



ମାଧପୁର ବଜାରରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଶୌଚାଳୟ।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର ବଜାରରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଶୌଚାଳୟକୁ ନେଇ ବ୍ୟବସାୟୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ୪ବର୍ଷ ତଳେ ମାଧପୁର ପଞ୍ଚାୟତ ପ୍ରଶାସନ ପକ୍ଷରୁ ଏହି ଶୌଚାଳୟ ନିର୍ମାଣ କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ତାହା ବ୍ୟବହାରରେ ଆସୁନାହିଁ। ଫଳରେ ବଜାରକୁ ଆସୁଥିବା ଜନସାଧାରଣ, ଦୂରଦୂରାନ୍ତକୁ ଯିବାକୁ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀ ଏବଂ ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ମାଧପୁର ବଜାର ଉପରେ ଆଖପାଖ ୮ ପଞ୍ଚାୟତ ମାଧପୁର, ଲୁଣହାଣ୍ଡି, କମ୍ପଲା, କନ୍ଧପଡ଼ା, କୁଦଗାଁ, ପୁରୁଣାମାଣତ୍ରୀ, କିଆକଟା ଓ ବାସୁଦେବପୁରର ଲୋକେ ନିର୍ଭର କରନ୍ତି। ଏଠାରେ ସ୍କୁଲ, କଲେଜଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ, ଆର୍‌ଆଇ କାର୍ଯ୍ୟାଳୟ, ସେବା ସମବାୟ ସମିତି, ପୋଷ୍ଟ ଅଫିସ, ରେଞ୍ଜ ଅଫିସ୍, ବ୍ୟାଙ୍କ ସହ ଅନ୍ୟ ସରକାରୀ ଓ ବେସରକାରୀ ଅଫିସ ରହିଛି। ଏହାଛଡ଼ା ଏଠାରୁ ପ୍ରତ୍ୟେକ ଦିନ ଆଠମଲ୍ଲିକ, ଅନୁଗୋଳ, କଟକ, ରେଢାଖୋଲ, ସମ୍ବଲପୁର, ବୌଦ୍ଧ, ଫୁଲବାଣୀକୁ ବହୁ ଯାନବାହନ ଯାତାୟାତ କରେ। କିନ୍ତୁ ଭଲ ଶୌଚାଳୟଟିଏ ନ ଥିବାରୁ ଗାଡ଼ିକୁ ଅପେକ୍ଷାରତ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

### ଦାବିପ୍ରତି କର୍ଣ୍ଣପାତ କରାଯାଉନାହିଁ



ମାଧପୁର ବଜାରରେ ଭଲ ଶୌଚାଳୟ ଆବଶ୍ୟକ ଅଛି। ଏ ନେଇ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଆସୁଛି। କିନ୍ତୁ କିଛି ବି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଶହ ଶହ ଲୋକ ଦୈନିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

–ରତ୍ନକାନ୍ତ ସାହୁ, ଦୋକାନୀ

### ମହିଳାମାନେ ଉପକୃତ ହେବେ



ପଞ୍ଚାୟତ ପ୍ରଶାସନ ବଜାରରେ ଶୌଚାଳୟଟିଏ ନିର୍ମାଣ କଲେ ବସ୍‌କୁ ଅପେକ୍ଷା କରୁଥିବା ମହିଳାମାନେ ଅଧିକ ଉପକୃତ ହେବେ। ଏତେବଡ଼ ବଜାରରେ ଶୌଚାଳୟଟିଏ ପ୍ରଶାସନ କରି ନ ପାରିବା ଦୁଃଖର ବିଷୟ।

–ଦୁଃଶାସନ ମେଣ୍ଟୁଲି, ସମ୍ପାଦକ,
ଚୌରାଶୀ ମହାଲକ୍ଷ୍ମୀ ପୂଜା କମିଟି

### ସ୍ଥାନ ନିରୂପଣ ହୋଇପାରୁନି



ଏହି ସମସ୍ୟା ବିଷୟରେ ଅବଗତ ଅଛି। କିନ୍ତୁ ସ୍ଥାନ ନିରୂପଣ ହେଇପାରୁ ନ ଥିବାରୁ କିଛି କରାଯାଇପାରୁନାହିଁ। ପୁରୁଣା ଶୌଚାଳୟ ବିଷୟରେ ଅବଗତ ନାହିଁ। ଅନୁଧ୍ୟାନ କରାଯିବ।

–ଗଣେଶ୍ୱର ଜେନା,
ସରପଞ୍ଚ, ମାଧପୁର

# ଦିନକରେ ୧୧୦ ଆକ୍ରାନ୍ତ

ଢେଙ୍କାନାଳ ଅଫିସ/ଅନୁଗୋଳ ଅଫିସ, ୨୨।୮

**ଢେଙ୍କାନାଳରୁ ୧୦୦, ଅନୁଗୋଳରୁ ୧୦**

ଢେଙ୍କାନାଳ ଏବଂ ଅନୁଗୋଳ ଜିଲାରୁ ଶନିବାର ଗୋଟିଏ ଦିନରେ ୧୧୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧରେ ଢେଙ୍କାନାଳରୁ ୧୦୦ ଜଣ ଅଛନ୍ତି।

ନୂଆ ଆକ୍ରାନ୍ତଙ୍କ ମଧରେ ଢେଙ୍କାନାଳ ପୌରାଞ୍ଚଳରୁ ୬, ସଦର ବ୍ଲକରୁ ୩, ଭୁବନ ବ୍ଲକରୁ ୨୦, ଏନ୍‌ଏସିରୁ ୩୧, ଓଡ଼ାପଡ଼ା ବ୍ଲକରୁ ୪, ହିନ୍ଦୋଳ ବ୍ଲକରୁ ୨୬, ଏନ୍‌ଏସିରୁ ୪ ଜଣ ଅଛନ୍ତି। ସେହିପରି ଭୁବନେଶ୍ୱର ଏବଂ କଟକର ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୬ଜଣ ପଜିଟିଭ୍ ବୋଲି ଜଣାପଡ଼ିଛନ୍ତି। ଆକ୍ରାନ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ, ଗୋବିନ୍ଦପୁର ଏବଂ ହିନ୍ଦୋଳସ୍ଥିତ କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛ। ଜିଲାରେ ଅଦ୍ୟାବଧି ମୋଟ୍ ୧,୧୫୫ ଆକ୍ରାନ୍ତ ଚିହ୍ନଟ ହେଲେଣି। ଶନିବାର ୯୫ଜଣ କରୋନା ମୁକ୍ତ ହେବା ପରେ ପରେ ଆରୋଗ୍ୟଙ୍କ ସଂଖ୍ୟା ୮୦୩ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ଅନୁଗୋଳ ଜିଲାରୁ ୧୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲାରେ କରୋନା ସଂଖ୍ୟା ୬୨୯ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧରେ ତାଳଚେର ବ୍ଲକରୁ ୩ ଜଣ, ବଁଅରପାଳ ଓ କିଶୋରନଗର ବ୍ଲକରୁ ୨ ଜଣ ଲେଖାଏଁ, ଅନୁଗୋଳ, ପାଲଲହଡ଼ା ବ୍ଲକ ଓ ଅନୁଗୋଳ ପୌରାଞ୍ଚଳରୁ ଜଣେ ଲେଖାଏଁ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସ୍ୱଳ୍ପ ଲକ୍ଷଣ ଓ ଲକ୍ଷଣ ବିହୀନ ଆକ୍ରାନ୍ତଙ୍କୁ ଘରେ ଆଇସୋଲେଶନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶନିବାର ତାଳଚେର କୋଭିଡ୍ ହସ୍ପିଟାଲରୁ ଜଣେ ସୁସ୍ଥ ହୋଇ ଫେରିଛନ୍ତି। ଜିଲାରେ ମୋଟ ସୁସ୍ଥଙ୍କ ସଂଖ୍ୟା ୪୦୭ରେ ପହଞ୍ଚିଛି।

# ହାତୀ ଖୋଜୁଛନ୍ତି ଚଲାପଥ

ଢେଙ୍କାନାଳ ଅଫିସ, ୨୨।୮

- ଆବାସସ୍ଥଳୀକୁ ଫେରିବାରେ କେନାଲ, ନଦୀ ପ୍ରତିବନ୍ଧକ
- ବ୍ରାହ୍ମଣୀ ପଠାରେ ଡେରା ପକାଇଛନ୍ତି ୨୧ ହାତୀ



ରେଙ୍ଗାଳି ଦକ୍ଷିଣ କେନାଲ ପାର ହେବାକୁ ଏକ ଦନ୍ତା ଉଦ୍ୟମ କରୁଛି।

ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳରୁ ବ୍ରାହ୍ମଣୀ ନଦୀ ପାର୍ ହୋଇ ସଦର ଥାନା ଖାରଗାଡ଼ିଆ ଫାଣ୍ଡି ଅଧୀନ ରସାସିଂହ ଅଞ୍ଚଳକୁ ପଶି ଆସିଥିବା ୩୯ ହାତୀ ଆବାସସ୍ଥଳୀକୁ ଫେରିପାରୁନାହାନ୍ତି। ବଢ଼ିପାଣିରେ ଭରା ବ୍ରାହ୍ମଣୀ ଏବଂ ରେଙ୍ଗାଳି ଦକ୍ଷିଣ କେନାଲ ସେମାନଙ୍କ ଚଲାପଥରେ ପ୍ରତିବନ୍ଧକ ସାଜିଛି। ହାତୀପଲ ଦୁଇଭାଗରେ ବିଭକ୍ତ ହୋଇ ଇତସ୍ତତଃ ଭାବେ ବୁଲୁଥିବାବେଳେ ନଦୀକୂଳିଆ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।

ଦୁଇଦିନ ହେଲା ଉକ୍ତ ହାତୀପଲ ୫୫ନଂ. ଜାତୀୟ ରାଜପଥ ପାର ହୋଇ ରସାସିଂହ ଅଞ୍ଚଳକୁ ତାଳ ଖାଇବାକୁ ଆସୁଥିଲେ। ପୁଣି ସକାଳୁ ମଠରଗଡ଼ି ସଂରକ୍ଷିତ ଜଙ୍ଗଲକୁ ଫେରିଯାଉଥିଲେ। ଶନିବାର ହାତୀପଲ ଦୁଇଦଳରେ ବିଭକ୍ତ ହୋଇ ଏନ୍‌ଏଚ୍-୫୫ ପାର ହୋଇ ରସାସିଂହ ଅଞ୍ଚଳକୁ ଯାଇଥିଲେ। ସେଥିରୁ ୨୧ ହାତୀ ରେଳଧାରଣା ପାର ହୋଇ ବ୍ରାହ୍ମଣୀ ନଦୀ କୂଳରେ ଡେରା ପକାଇଛନ୍ତି। ଅନ୍ୟ ୧୮ ହାତୀ ମଠରଗଡ଼ି ଜଙ୍ଗଲରୁ ଅନ୍ୟତ୍ର ଯିବା ପାଇଁ ଉଦ୍ୟମ କରୁଛନ୍ତି। ହେଲେ ଏଥିରେ ସମସ୍ୟା ହୋଇଛି ରେଙ୍ଗାଳି ଦକ୍ଷିଣ କେନାଲ। ଉକ୍ତ ହାତୀପଲର ନେତୃତ୍ୱ ନେଉଥିବା ଏକ ଦନ୍ତା କେନାଲ ପାର୍ଶ୍ୱରେ ଛିଡ଼ା ହୋଇ ରାସ୍ତା ଖୋଜୁଥିବା ଦେଖିବାକୁ ମିଳିଥିଲା। ତେବେ ଏଥିରେ ବିଫଳ ହେବାରୁ ହାତୀଟି ଉଗ୍ରରୂପ ଧାରଣ କରି ପ୍ରବଳ ଗର୍ଜନ କରୁଛି, ଯାହା କେନାଲ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କ ମନରେ ଛନକା ସୃଷ୍ଟି କରିଛି।

ଏ ସଂକ୍ରାନ୍ତରେ ଗଦାଶିଳା ସେକ୍ସନ ଫରେଷ୍ଟର ରବିନାରାୟଣ ନାୟକ କୁହନ୍ତି, ହାତୀପଲ ଦୁଇଟି ଦଳରେ ବିଭକ୍ତ ହୋଇଯାଇଛନ୍ତି। ଗୋଟିଏ ପଲ ନଦୀକୂଳରେ ଅଛନ୍ତି। ଅନ୍ୟପଲର ହାତୀ ମଠରଗଡ଼ି ଜଙ୍ଗଲରୁ ଅନ୍ୟତ୍ର ଯିବା ପାଇଁ ବାଟ ଖୋଜୁଛନ୍ତି। ସେମାନଙ୍କ ଉପରେ ନଜର ରଖାଯାଇଛି।

